# ଧ୍ରୁବ ଦେହୁରୀ, ଜବ୍ କାର୍ଡ ନଂ.୩୪୪୬୨

ଏଥର ମେଘ ମାରିଦେଇଛି ବାବୁ। ବାରିଘର, ଜମି...କୁଆଡ଼େ କିଛି ଫସଲ ନାହିଁ। ଆମ ଗାଁରୁ ଛ' ଘର ଦାଦନ ଖଟିବା ପାଇଁ କେରଳ ଚାଲିଗଲେଣି। ଯା ଭିତରେ ଆଉ ଦି'ଘର ଦାଦନରେ ଯିବେ ଗୁଜୁରାଟ...ଅବସ୍ଥା ଭଲ ନାହିଁ।' ଆମ ସହିତ ଥିଲେ ଗାଁ ମୁଖିଆ ସହଦେବ। ତା୧.୧୧.୨୦୦୯। ଆମେ ଥିଲୁ ରଜାଙ୍ଗରେ। ରାଜ୍ୟ ରାଜଧାନୀରୁ ମାତ୍ର ୧୫୦କି.ମି. ଦୂର ଗୋଟାଏ ଗାଁର ଏଇ ହେଉଛି ଅବସ୍ଥା। ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ଅନ୍ତର୍ଗତ ଏଇ ଗାଁଟି। ଗତବର୍ଷ ବି ଏ ପ୍ରାବନ୍ଧିକ କେତେଜଣ ବନ୍ଧୁଙ୍କ ସହିତ ଆସିଥିଲା ଏଇ ଗାଁକୁ ନଭେମ୍ବର ମାସରେ। ସେତେବେଳେ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ବ୍ୟାପକ କାମ ଯୋଗାଇ ଦିଆଯିବ ବୋଲି ଶୁଣାଯାଉଥିଲା। ତେବେ ଏଥର ଆମେ ଲକ୍ଷ୍ୟ କଲୁ ଯେ ଖୁବ୍ ଅଧିକ କିଛି ବଦଳିନାହିଁ। କନ୍ଧରା ସଂରକ୍ଷିତ ଜଙ୍ଗଲ ଭିତରେ ରାସୋଳଠାରୁ ମାତ୍ର ୧୨କି.ମି. ଦୂର ଏଇ ଗାଁକୁ ଭଲ ରାସ୍ତାଟିଏ ହୋଇପାରିନଥିଲା। ଦଣ୍ଡନଗୀଠାରୁ କନକା ଯିବା ରାସ୍ତାରେ ପଡ଼େ ରଜାଙ୍ଗ। ପଞ୍ଚାୟତ ଅଫିସଠୁ ଖୁବ୍ ଅଧିକ ଦୂର ନୁହେଁ। ୫-୬କି.ମି.। ସେଇ ରାସ୍ତାରେ ଆଗକୁ ଗଲେ ପଡିବ ଛାତୋଇ, ମୁକୁତା, କନକା ଏବଂ କୁରୁଜଙ୍ଗା। ଅନେକ ଛୋଟବଡ଼ ଝରଣା ବର୍ଷା ଚାରି ମାସ ବାଟ ଓଗାଳି ଦିଅନ୍ତି। ରାସ୍ତା ବିଚ୍ଛିନ୍ନ ହୋଇପଡ଼େ। ଦଣ୍ଡିଗୀଠାରୁ କନକା ରାସ୍ତାରେ କିଛି ବାଟ ଗଲେ ପଡିବ ଏମିତି ଏକ ଆରଣ୍ୟ ସ୍ରୋତ ଯାହାକୁ ସ୍ଥାନୀୟ ଲୋକେ କହନ୍ତି 'ବୋଲିଂ ନାଳ'। ସେଇ ନାଳ ଉପରେ ପାଞ୍ଚବର୍ଷ ତଳେ ଆରମ୍ଭ ହୋଇଥିବା କଲଭର୍ଟ କହିଲେ ଆଜି ବି ବୁଝାଏ ଛ'ଟି ଅଧାଗଢ଼ା କଂକ୍ରିଟ୍ ଖୁଣ୍ଟକୁ।

କ'ଣ ପାଇଁ ଏ ପର୍ଯ୍ୟନ୍ତ ସ୍ଲାବ୍ ପଡୁନି ଏଠି? ଏତେ ବର୍ଷ ଭିତରେ ଆପଣ କ'ଣ କର୍ତ୍ତୃପକ୍ଷଙ୍କ ଫେରାଦ ହୋଇନାହାନ୍ତି? ଆମ ସହିତ ଥିବା 'ଗ୍ରୀନପିସ୍'ର ଜଣେ କର୍ମକର୍ତ୍ତା

ପଚାରିଲେ ଗାଁ ମୁଖିଆଙ୍କୁ। 'ଆଜ୍ଞା, ଏ ପୋଲ କାମ ସରିବେନି। ଗଲାବର୍ଷ ଆମେ କଲେକ୍ଟର ସାବ୍‌ଙ୍କ ପାଖକୁ ଯାଇଥିଲୁ। କିଛି ଲାଭ ହେଲାନି ଆଜ୍ଞା ! ଏ କାମ ଯିଏ ନେଇଛି ସିଏ ଜଣେ ବଡ଼ ନେତାର ଡ୍ରାଇଭର। ଆମ ଜଙ୍ଗଲ ମୁଲକରେ ଏମିତି ଅଧା ହୋଇ ପଡ଼ିଥିବା ଢେର କାମ ତା'ର ନାଁରେ। କାହାର ଆଜ୍ଞା କିଭଳି ହାଡ଼ ଅଛି ତାକୁ କିଛି କହିବ ? ପୋଲ ବାବଦରେ ବିଲ୍ ହୋଇ ଟଙ୍କା ତା ସେ ପାଇସାରିଛି ? ରଜାଙ୍ଗ ପରି ଜଙ୍ଗଲ ଗାଁରେ ଭଲ ବର୍ଷା ନହେଲେ ଫସଲ ହେବାର ସମ୍ଭାବନା କ୍ଷୀଣ ବୋଲି ଆମେ ଗଲାଥର ଜାଣିଥିଲୁ, କିନ୍ତୁ ଦଣ୍ଡିରୀଠାରୁ ଗୁରୁଜଙ୍ଗା ପର୍ଯ୍ୟନ୍ତ ରାସ୍ତାରେ ଏନ୍‌ଆରଇଜିଏରେ ଏବର୍ଷ ଭଲ ମାଟି କାମ ମିଳୁଥିବ ବୋଲି ଆମର ଧାରଣା ଥିଲା। ହେଲେ ଗତବର୍ଷଠୁ ରାସ୍ତାର ଅବସ୍ଥା ବେଶୀ ଖରାପ ହୋଇସାରିଥିଲା। ଜିପ୍‌ର ଫୋରହ୍ୱିଲ୍ ମଧ୍ୟ କାମରେ ଲାଗିଲା ନାହିଁ। ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ସଂଗଠନ ସୌଜନ୍ୟରୁ ଦୁଇଟି ମୋଟର ସାଇକେଲରେ ଜଙ୍ଗଲ ଭିତରକୁ ଯାଇଥିଲୁ ଆମେ ସେଦିନ। ଖବର ନେବାରେ ଜଣାପଡିଲା ଯେ, ବର୍ଷକ ଭିତରେ ଏ ଅଞ୍ଚଳରେ ଯେଉଁ ଉଲ୍ଲେଖନୀୟ କାମଟି ସରକାର ହାତକୁ ନେଇଛନ୍ତି ସେଇଟି ହେଉଛି କଦଳୀପାଳ-ମଧୁପୁରଠୁ ଦଣ୍ଡିରୀ ପର୍ଯ୍ୟନ୍ତ ୨କି.ମି. ପକ୍କା ରାସ୍ତା ନିର୍ମାଣ। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଆରମ୍ଭ ହୋଇଥିବା ଏଇ କାମ ତା ୧.୧୨.୦୯ ସୁଦ୍ଧା ସରିବା କଥା। ତେବେ ଏଯାଏଁ କାମ ଅଧା ବି ହୋଇନଥିଲା। ଏଣେ ପଞ୍ଚାୟତ ଏବଂ ଜଙ୍ଗଲ ବିଭାଗ ଭିତରେ ଟଣାଓଟରା ଚାଲିଛି ଯେ ଦଣ୍ଡିରୀଠାରୁ କନକା-ଗୁରୁଜଙ୍ଗା ପର୍ଯ୍ୟନ୍ତ ଜଙ୍ଗଲ ଭିତରେ ଯାଇଥିବା ରାସ୍ତା କାମ ଏନ୍‌ଆରଇଜିଏରେ କିଏ କରିବ । ଏ ସମସ୍ୟାର ସମାଧାନ ଦୁଇବର୍ଷ ଧରି ହୋଇପାରୁନାହିଁ।

ରଜାଙ୍ଗ, ଛାତୋଇ, ମୁରୁଡ୍ରା ପରି ଗାଁ/ପଡ଼ା ଗାଁର ୮୦ଭାଗ ଲୋକଙ୍କୁ ମିଳିଛି ଜବ୍ କାର୍ଡ। ସେଦିନ ୧୦/୧୨ଟି ଜବ୍ କାର୍ଡ ଆମେ ଦେଖିଥିଲୁ। କୌଣସି ଗୋଟିଏରେ ପ୍ରମାଣ ମିଳୁନଥିଲା ଯେ ହିତାଧିକାରୀମାନେ ଅନ୍ତତଃ ଦିନଟିଏ କାମ ପାଇଛନ୍ତି। ଛାତୋଇରେ ଆମ ପାଖରେ ଠିଆ ହୋଇଥିଲା ଧ୍ରୁବ ଦେହୁରୀ। (ଧ୍ରୁବ ଅଧିକାଂଶ ଦିନ ଥାଏ ରଜାଙ୍ଗରେ) ବୟସ ପାଖାପାଖି ୪୦ବର୍ଷ। ସାମାନ୍ୟ ଚାଷ ଜମି ଅଛି ଧ୍ରୁବର। ତା'ଜବକାର୍ଡକୁ ଭାରି ଯତ୍ନର ସହିତ ଗୋଟିଏ ଟିଣ ଟ୍ରଙ୍କରେ ସାଇତି ରଖିଥିଲା ତା' ସ୍ତ୍ରୀ । ଦୁଇ ପରସ୍ତ ଭିତରେ ଅବ୍ୟବହୃତ ଭାବେ ଥିବା ଜବକାର୍ଡ ଉଜ୍ଜ୍ୱଳ ଦିଶୁଥିଲା। 'କେବେ କାମ ପାଇଛ ଧ୍ରୁବ ?' ଆମ ଭିତରୁ ଜଣେ ପଚାରିଲା । "ନାହିଁ ଆଜ୍ଞା, ପଞ୍ଚାୟତକୁ ୨/୩ଥର ଯାଇଛି। ସରପଞ୍ଚ କହିଲେ ତୁମେ ସବୁ ଗତଥର ତ ଭୋଟ ଦେଇନଥିଲ ଏବେ ବି ତୁମ ଗାଁରେ କେଉଁ ଓ୍ୱାର୍ଡମେମ୍ବର ବଛା ହୋଇନାହାନ୍ତି। ହଉ, ଏଥର ତ ତୁମେ ଭୋଟ ଦେଇଛ- ବୁଝିବା କାମ ଆସୁ। ପାଠକମାନଙ୍କ ନିମନ୍ତେ ସ୍ପଷ୍ଟ କରୁଛି ଯେ ଗତ ୨୦୦୪ ନିର୍ବାଚନରେ ରଜାଙ୍ଗବାସୀ ଭୋଟ ବର୍ଜନ କରିଥିଲେ। ଧ୍ରୁବର ଜବ୍‌କାର୍ଡରେ ଏମିତି ଲେଖାଯାଇଥିଲା: "ଓଡ଼ିଶା ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଓଆରଇଜିଏସ୍) କାର୍ଡ ନଂ. ୩୪୪୬୨, ଜବ୍‌କାର୍ଡ ପାଞ୍ଚବର୍ଷ ପାଇଁ ବଳବତ୍ତର, ୨୦୦୫-୦୬ରୁ ୨୦୧୦-୧୧। ଜିଲ୍ଲା:ଢେଙ୍କାନାଳ। କୋଡ:୦୬। ପଞ୍ଚାୟତ:ଦଣ୍ଡିରୀ। କୋଡ:୦୨୬। ଗ୍ରାମ:ଛାତୋଇ। କୋଡ:୦୨। ପଞ୍ଜୀକରଣ ପ୍ରାଧିକାରୀଙ୍କ ସିଲ୍ ଓ ସ୍ୱାକ୍ଷର:

୬/୩/୨୦୦୮ । ଜବ୍‌କାର୍ଡର ଅନ୍ୟାନ୍ୟ ଗାରପକା ପୃଷ୍ଠାରେ ଯେଉଁଠି କର୍ମନିଯୁକ୍ତିର ବିବରଣୀ ରହିବା କଥା ସେସବୁ ଶୂନ୍ୟ ଥିଲା ।

ହଁ, ବର୍ଷକ ଭିତରେ ରଜାଙ୍ଗରେ ସରକାରଙ୍କ ତରଫରୁ ଗୋଟାଏ ନୂଆ କାମ ହୋଇଥିଲା । ସର୍ବଶିକ୍ଷା ଅଭିଯାନରେ ଦୁଇ ବଖୁରିଆ ପ୍ରାଥମିକ ସ୍କୁଲ ଘରର ନିର୍ମାଣ ପ୍ରାୟ ଶେଷ ହୋଇଥିଲା । ଗତବର୍ଷ ଆମେ ଭେଟିଥିଲୁ ଗୋଟିଏ କୁନି ଝିଅକୁ । ରାନୁ ଦେହୁରୀ । ରାନୁ ୮କି.ମି. ଦୂର କାଠକୁଂପାରେ ପଢୁଥିଲା ୨ୟରେ । ଏଥର ବି ଦେଖାହୋଇଥିଲା ରାନୁ ସହିତ । ପଚାରି ବୁଝିଲୁ ଯେ ବର୍ଷା ଚାରି ମାସ ସେ ସ୍କୁଲକୁ ଯାଇପାରିନି । ଦି'ମାସ ତଳେ ବ୍ରେନ୍ ମ୍ୟାଲେରିଆରେ ଶରଣ ବେହେରାର ସ୍ତ୍ରୀ ମାରା ପଡିଲା । ବେମାରିଆ ଲୋକଟାକୁ ଶରଣ ହିନ୍ଦୋଳରେ ପହଞ୍ଚାଇବାରେ ଡେରି କରିଦେଲା । ଗଲାବର୍ଷ ରଜାଙ୍ଗରେ ରହୁଥିବା ପାଞ୍ଚଘର 'ମହ୍ଲାର'ଙ୍କ ଭିତରୁ ଆମ ସହିତ ଦେଖା ହୋଇଥିଲା ଜଣଙ୍କର । ପାଠକେ ଜାଣନ୍ତି ଯେ 'ମହ୍ଲାର' ଏକ ଆଦିମ ଜନଜାତି ଯାହାଙ୍କ ସଂଖ୍ୟା ଆମ ରାଜ୍ୟରେ ଦେଢ଼ ହଜାରରୁ ଅଧିକ ନୁହେଁ । ବର୍ଷର ଅଧିକାଂଶ ଦିନ ଜଙ୍ଗଲରେ ବିତାନ୍ତି 'ମହ୍ଲାର' । ଡୁଙ୍ଗା ଆଳୁ, କଡ଼ବା, ପାଣିଆଳୁ ଆଉ କେବେକେବେ ମହୁ ସଂଗ୍ରହ କରନ୍ତି । ଜଙ୍ଗଲରୁ । ସେଇ ଆଳୁ ସିଝେଇ ଖାଆନ୍ତି । ଜଙ୍ଗଲି ଆଳୁ ଓ ମହୁ ବିକନ୍ତି ପାଖ ଗାଁରେ । ପାଞ୍ଚ ଘର 'ମହ୍ଲାର'ଙ୍କ ଭିତରେ ସେଦିନ ଥିଲେ ତିନିଘର । ସେମାନଙ୍କୁ ବିପିଏଲ୍ କାର୍ଡ ମିଳିନଥିଲା । ଅର୍ଥାତ୍ ୨ ଟଙ୍କିଆ ଚାଉଳ ସେମାନଙ୍କ ଭାଗ୍ୟରେ ଜୁଟିନଥିଲା । ମହ୍ଲାରଙ୍କ ମଧ୍ୟରୁ ସବୁଠୁ ବୟସ୍କ ଥିଲେ ବୈରାଗୀ । ନିଜ ବୟସ ସଂପର୍କରେ ତାଙ୍କର କୌଣସି ଧାରଣା ନଥିଲା । ବୟସ ଅନ୍ଦାଜ, ୭୫ ହେବ । କଣ୍ଟା ବାଉଁଶରେ ଏକ ଅଳତ ଗଣ୍ଠିଥିବା ବାଡିଟିଏ ସେ ଧରିଥିଲେ । ଭାରି ଶୁଖିଲା ଦିଶୁଥିଲେ ବୈରାଗୀ । ତାଙ୍କର ଦି'ପୁଅ । ବଡ଼ ପୁଅ ଗଦା ଜଙ୍ଗଲରୁ ଫେରିନଥିଲା । ସାନ ପୁଅ କ'ଣ କରୁଛି ବୋଲି ଆମେ ପଚାରିଥିଲୁ । 'ହା, ତା'ର ମା' ନଷ୍ଟ ହବା ପରେ ଏକଦମ୍ ଭୁଙ୍ଗ ପାଲଟିଯାଇଛି ଟୋକାଟା । କୋଉ କାମକୁ ବି ଯାଉନି । ଜଙ୍ଗଲ ଯିବାର ବି ନାହିଁ । ଶୁଖିଲାଟାରେ ବସୁଛି । ଦି'ମାସ ହେବ ଖୁଁ-ଖୁଁ କାଶୁଛି । ମୋର ତ ଆଉ ଜଙ୍ଗଲ ଯିବାକୁ ବଳ ନାଇଁ । ଏଇଠି ଘୁଷୁରୁଛି ।' ଗୋଟାଏ ସାନ ପିଲାକୁ କାଖରେ ଧରି ଆମକୁ ଅଳ୍ପ ଦୂରରେ ଠିଆ ହୋଇଥିଲା ଚଞ୍ଚଳା । ୫/୬ବର୍ଷର ତା'ର ଆଉ ଗୋଟିଏ ଝିଅ ମା' ଶାଢ଼ିକୁ ଜାବୁଡ଼ି ଧରି ଭାରି ଉଦାସ ଆଖିରେ ଚାହିଁଥିଲା । ତା ନାଁ ରଶ୍ମିତା । ପଚାରି ବୁଝିଲୁ, ମହୁମାରିବା ବେଳେ ଗଛରୁ ପଡି ଚଞ୍ଚଳାର ସ୍ୱାମୀ(ସାଗର) ମରିଯାଇଛି । ବିଚାରୀ ଭାରି ଅଭାବରେ ଅଛି । ଦି'ଟଙ୍କିଆ ଚାଉଳ ମିଳୁନି ତାକୁ, କାରଣ ତା' ପରିବାର ବିପିଏଲ୍ ତାଲିକାରେ ନାହାନ୍ତି ।

ରଜାଙ୍ଗ ଛାଡ଼ିବା ଆଗରୁ ଦି' ହାତରେ ଦୁଇଟି କୁନି ଛେଳି ଛୁଆ ଧରି ଆମ ପାଖରେ ପହଞ୍ଚି ସାରିଥିଲେ ସହଦେବ । ସଂଧ୍ୟା ପାଖେଇ ଆସୁଥିଲା । ଦୂରରୁ ସିଂଘା ବାଜିବା ଶବ୍ଦ ଶୁଭିଲା । ଜଙ୍ଗଲରେ ଠିକ୍ କୋଉ ଦିଗରୁ ସେ ଶବ୍ଦ ଆସୁଥିଲା ସେକଥା ଠିକ୍ ଠିକ୍ ଜାଣି ହେଉନଥିଲା । 'ଛେଳି ଛୁଆ ଧରି କୁଆଡ଼େ ବାହାରିଛନ୍ତି ?' ସହଦେବଙ୍କୁ ପଚାରିଲେ ମୋର ଜଣେ ବନ୍ଧୁ । ଆଜ୍ଞା, ଏଇ ବୈରାଗୀ ଘରକୁ ଆସିଛି । ଜମା ପାଞ୍ଚ ଦିନର ଛୁଆ ଏ ଦି'ଟା ।

ମା'ଟା ନଷ୍ଟ ହୋଇଗଲା ପିଲାକୁ ଜନ୍ମଦେଇ। ମୋ ନାତି ଟୋକା କହିଲା, ମଧୁର ସାହିରେ ବୈରାଗୀ ଛେଳିର ଛୁଆ ମରିଯାଇଛି। ଏ ଛୁଆ ଦି'ଟାକୁ ସେଇ ମା'ଛେଳି ବଞ୍ଚେଇଛି....।' ଛେଳି ଛୁଆଙ୍କୁ ଦେଖି ଚଞ୍ଚଳାକୁ କାବୁଡ଼ି ଧରିଥିବା ଛୋଟ ଝିଅଟି ମୁହଁରେ ଧିରେ ହସ ଖେଳିଯାଉଥିଲା। ତା' କାନ୍ଧରୁ ଚିରା ଫ୍ରକ୍‌ଟା ଅଧା ଖସିପଡିଥିଲା। ନାକରୁ ସିଂଘାଣି ବି ବୋହୁଥିଲା। ହେଲେ ସେ ଏଥର ହସୁଥିଲା। ଗୋଧୂଳିର ସେଇ ଲଗ୍ନରେ, ରଜାଙ୍ଗର ଅଖ୍ୟାତ ମଧୁର ବସ୍ତିରେ, ଜୀବନର ଏକଦମ୍ ଦୟନୀୟ ସ୍ଥିତିରେ ବି ଝିଅଟିର ସେଇ ହସ ଟିକକ ଆମ ପାଇଁ ସେତେବେଳେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ମନେ ହୋଇଥିଲା।

ଧ୍ରୁବ ଦେହୁରୀର ଜବ୍ କାର୍ଡ ପଛରେ ଛାପା ହୋଇଥିବା ସୂଚନା ଥିଲା ଏମିତି:(୧)ପ୍ରତ୍ୟେକ ଗ୍ରାମ୍ୟ ପରିବାର ନିମନ୍ତେ ୧୦୦ ଦିନ ପାଇଁ ନିଶ୍ଚିତ କର୍ମନିଯୁକ୍ତି ସୁଯୋଗ (୨) ସୂଚିତ ପରିବାରକୁ ୧୫ଦିନ ମଧ୍ୟରେ କର୍ମ ନିଯୁକ୍ତି ସୁଯୋଗ ଯୋଗାଇ ନଦେଲେ ବେରୋଜଗାରୀ ଭତ୍ତା ପ୍ରଦାନ ବ୍ୟବସ୍ଥା ଆମେ ମଧୁର ବସ୍ତି ଛାଡ଼ିବା ଆଗରୁ ସହଦେବ ଘରରୁ ଗୋଟାଏ ଛେଳି ଛୁଆକୁ ନେଇ ମା' ଛେଳି ପାଖକୁ ଦୌଡୁଥିଲା ସାନ ଝିଅଟି।

(ସମ୍ବାଦ)

■